# Akashvani, Sambalpur

# SAMBALPURI NEWS BULLETIN

## 12 April 2025- 6.47- 6.52 am.

**********************************************

ପୁରୀ ନୁ କୋଣାର୍କ ରେଲ୍ ଚଲାଚଲ୍      ଆର୍ଏନ୍ୟୁ/ ସମ୍ବଲପୁର

ପୁରୀ ନୁ କୋଣାର୍କକେ ଖୋବ୍ ଜଲ୍ଦି ରେଲ୍ ଚଲାଚଲ୍ ମୁଲ୍ ହେବା । ଇଥିର୍ଲାଗି ଜମି ଅଧିଗ୍ରହଣ୍ ପ୍ରକ୍ରିୟା ଜାରି ରହିଛେ । ଆଏବା ୧୨ ନୁ ୧୬ ମାସ୍ ଭିତ୍ରେ ଜମି ଅଧିଗ୍ରହଣ୍ ପ୍ରକ୍ରିୟା ଶେଷ୍ ହେବାର୍ ଉତ୍ରୁ ରେଲ୍ ଚଲାଚଲ୍ ଲାଗି କାମ୍ ମୁଲ୍ ହେବା । ଗଲାକାଏଲ୍ ପୁରୀ ଗସ୍ତଥି ଯାଇକରି ରେଲ୍ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ପୁରୀ ରେଲ୍ଷ୍ଟେସନ୍ର ଉନ୍ନୟନ୍ ମୂଲକ୍ କାମ୍ର ସମୀକ୍ଷା କରିକରି ଇ ବାବ୍ଦେ ସୂଚ୍ନା ଦେଇଛନ୍ । ମନ୍ତ୍ରୀ ଶ୍ରୀ ବୈଷ୍ଣବ୍ ଆଏଜ୍ ପୁରୀ ଠାନେ ଦଲୀୟ କାର୍ଯ୍ୟକ୍ରମ୍ ସହେତେ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ଥି ଯୋଗ୍ ଦେବେ ।

ସ୍ୱାସ୍ଥ୍ୟମନ୍ତ୍ରୀ ସିପେଟ୍ ପରିଦର୍ଶନ୍      ଆର୍ଏନ୍ୟୁ/ ସମ୍ବଲପୁର

ଓଡ଼ିଶା ଗସ୍ତଥି ଆସିଥିବା କେନ୍ଦ୍ର ସ୍ୱାସ୍ଥ୍ୟ, ପରିବାର୍ କଲ୍ୟାଣ୍ ସାର ଆଉ ରସାୟନ ମନ୍ତ୍ରୀ ଜଗତ୍ ପ୍ରକାଶ୍ ନଡ୍ଡା ଆଏଜ୍ ଭୁବ୍ନେଶ୍ୱର୍ ଏମ୍ସ ପରିଦର୍ଶନ୍ କର୍ବେ । ଇ ଅବ୍ସରେ ଶ୍ରୀ ନଡ୍ଡା ଏମ୍ସ ପରିସର୍ ନ ଥିବା କେନ୍ଦ୍ରୀୟ ଗବେଷଣା ବିଜ୍ଞାନ୍ଗାର୍କେ ଉଦ୍ଘାଟନ୍ କର୍ବେ । ଇତାର୍ଛଡ଼ା ଏମ୍ସର ଗୁଟେ ନୂଆଁ ୱେବ୍ସାଇଟ୍ ଭିଲ୍ ଶୁଭାରମ୍ଭ କର୍ବେ ।

ସେଆଡ଼େ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ନଡ୍ଡା -ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ସହେତେ ଗଲାକାଏଲ୍ ଭୁବ୍ନେଶ୍ୱର୍ ନ ଥିବା କେନ୍ଦ୍ରୀୟ ପେଟ୍ରୋ ରସାୟନ୍ ଇଞ୍ଜିନିୟରିଂ ଆଉ ପ୍ରଯୁକ୍ତି ବିଦ୍ୟା ପ୍ରତିଷ୍ଠାନ୍-ସିପେଟ୍ ପରିଦର୍ଶନ୍ କରିଛନ୍ । ଇତାର୍ ପରିସର୍ ନ ଥିବାର୍ ପ୍ରୋସୋସିଂ ୟୁନିଟ୍, ଟୁଲ୍ ରୁମ୍ ଆର୍ ଗବେଷଣା ପରୀକ୍ଷାଗାରକେ ବୁଲି ଦେଖିବାର୍ ସହେତେ ଶିକ୍ଷକ୍ ଆଉ ଛାତ୍ରଛାତ୍ରୀମାନ୍କର୍ ସାଙ୍ଗେ ଦୁହେ ମତ ବିନିମୟ କରିଛନ୍ ।

ରାଜ୍ୟପାଲ୍- ଓୟୁଏଟି ଆର୍ଏନ୍ୟୁ/ ସମ୍ବଲପୁର

ବିକଶିତ୍ ଓଡ଼ିଶା- ବିକଶିତ୍ ଭାରତ୍ର ଗଠନ୍ଥି ବୈଷୟିକ ଶିକ୍ଷାନୁଷ୍ଠାନ୍ ମାନ୍କର୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛେ ବଲି

ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟି କହିଛନ୍ । ଭୁବ୍ନେଶ୍ୱର୍ ରେଲ୍ବାଇ ଅଡିଟୋରିୟମ୍ ଠାନେ ହେଇଥିବା ଓଡ଼ିଶା ବୈଷୟିକ ଆଉ ଗବେଷଣା ବିଶ୍ୱବିଦ୍ୟାଳୟ -ଓୟୁଏଟିର ୨ ନମ୍ବର୍ ସମାବର୍ତନ୍ ଉତ୍ସବ୍ଥି ଯୋଗ୍ ଦେଇକରି ରାଜ୍ୟପାଲ୍ ଇଟା କହିଛନ୍ । ଇ ଅବ୍ସରେ ଚାନ୍ସେଲର୍ ଗୋଲ୍ଡ ମେଡ଼ାଲ୍ ସହେତେ ଭିନ୍ ଭିନ୍ ବର୍ଗର୍ ୩୦ ଝନ୍ ଛାତ୍ରଛାତ୍ରୀଙ୍କୁ ସ୍ୱର୍ଣ୍ଣ ଆଉ ରୌପ୍ୟ ପଦକ୍ ଦିଆଯାଇଛେ ।

ମୁଖ୍ୟମନ୍ତ୍ରୀ -ଜନଶୁଣାଣି   ଆର୍ଏନ୍ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏବା ୨୧ ତାରିଖ୍ ଦିନ ସମ୍ବଲ୍ପୁର୍ ଗସ୍ତଥି ଆସିକରି ମହାନଗର୍ ନିଗମ୍ କାର୍ଯ୍ୟାଳୟ ନ ଜନଶୁଣାଣି କର୍ବେ । ଇଥିର୍ଲାଗି ଆଏବା ୧୮ ତାରିଖ୍ନୁ ଅନ୍ଲାଇନ୍ ପଞ୍ଜିକରଣ୍ ମୁଲ୍ ହେବା । ଇ ବାବ୍ଦେ ଜିଲ୍ଲାପାଲ୍ଙ୍କର୍ ସମ୍ମିଲନୀ କକ୍ଷ ନ ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ବୈଠକ୍ଥି ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍, ଆରକ୍ଷୀ ଅଧିକ୍ଷକ୍ ମୁକେଶ୍ ଭାମୁ, ମହାନଗର୍ ନିଗମ୍ କମିଶନର୍ ବେଦଭୂଷଣ୍ ପ୍ରମୁଖ ଉପସ୍ଥିତ୍ ଥିଲେ ।

ଓଡ଼ିଆ ପକ୍ଷ-ବନ୍ଦନୀୟ ବରପୁତ୍ର     ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟ ସର୍କାର୍ ଓଡ଼ିଶା ଦିବସ୍ ପାଲନ୍ ଦିନୁ ଓଡ଼ିଆ ପକ୍ଷ ପାଲନ୍ କରୁଛନ୍ । ଓଡ଼ିଶାର୍ ସ୍ୱାଭିମାନ୍, ଗୌରବ୍, ପରିଚୟ, କଳା ଆର୍ ସଂସ୍କୃତିକେ ନେଇକରି ଆଏବା ୧୪ ତାରିଖ୍‌ତକ୍ ଫି'ଦିନ ଗୁଟେ ଖାସ୍ ଢଙ୍ଗେ ଇତାକେ ପାଲନ୍ କରାଯାଉଛେ । ଓଡ଼ିଆ ପକ୍ଷ ପାଲନ୍‌ର ୧୨ ନମ୍ବର୍ ଦିନେ ଆଏଜ୍ 'ବନ୍ଦନୀୟ ବରପୁତ୍ର' କାର୍ଯ୍ୟକ୍ରମ୍ ହେବା । 'ପୁଣ୍ୟ ଏ ମାଟିର ଯଶସ୍ୱୀ ସନ୍ତାନ- ଦେଶ କରେ ଆଜି ତାଙ୍କ ଜୟଗାନ' ବାର୍ତା ନେଇକରି ରାଏଜେ ଇ କାର୍ଯ୍ୟକ୍ରମ୍ ପାଲନ୍ କରାଯିବା ।

ବିଶ୍ୱକର୍ମା ପୁରସ୍କାର     ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟ ପୂର୍ତ ବିଭାଗ୍ ସମ୍ମାନ୍ ଜନକ୍ ବିଶ୍ୱକର୍ମା ପୁରସ୍କାର୍ - ୨୦୨୫ ଥି ସମ୍ମାନିତ୍ ହେଇଛେ । ଗଲାକାଏଲ୍ ନୂଆଦିଲ୍ଲୀର୍ ଡକ୍ଟର୍ ବି.ଆର୍. ଆମ୍ବେଦ୍‌କର୍ ଅନ୍ତର୍ଜାତୀୟ କେନ୍ଦ୍ର ନ ହେଇଥିବା ଗୁଟେ ସମାରୋହଥି ପୂର୍ତ ବିଭାଗ୍ ପ୍ରମୁଖ ଶାସନ୍ ସଚିବ ବୀର ବିକ୍ରମ୍ ଯାଦବ୍ ଇ ପୁରସ୍କାର୍ ଗ୍ରହଣ୍ କରିଛନ୍ । ପୁରସ୍କାର୍ ପାଇଥିବା କୋଠାମାନ୍‌କର୍ ଭିତ୍‌ରେ ବର୍‌ଗଡ଼୍ କର୍କଟ ହସ୍ପିଟାଲ୍,

ଭୁବ୍‌ନେଶ୍ୱର୍ ଓୟୁଏଟିର କୃଷକ ବୈଷୟିକ ପ୍ରଦର୍ଶନ୍ କେନ୍ଦ୍ର, ପୁରୀର ହବିଷ୍ୟାଳି ଭବନ୍ ଆର୍ ପାଣିକୋଇଲି ନ ଥିବା ଟ୍ରମା କେୟାର୍ ହାସ୍‌ପାତାଲ୍ ରହିଛେ ।

ଉଠା ଜଲ୍‌ସେଚନ୍ ପ୍ରକଳ୍ପ -ସମୀକ୍ଷା ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବନେଶ୍ୱର୍ ଲୋକସେବା ଭବନ୍ ନ ଉନ୍ନୟନ୍ କମିଶନର୍ ଆଉ ଜଲ୍‌ସମ୍ପଦ୍ ବିଭାଗ୍ ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ଅଧ୍ୟକ୍ଷତାଥି ଓଡ଼ିଶା ଉଠା ଜଲ୍‌ସେଚନ୍ ପ୍ରକଳ୍ପ ମାନ୍‌କର୍ ଆଇଓଟି ଭିତିକ ତଦାରଖ୍ ବ୍ୟବସ୍ଥା ବାବଦ୍ ଗୁଟେ ବୈଠକ୍ ହେଇଯାଇଛେ । ଜଲ୍‌ସମ୍ପଦ୍ ବିଭାଗ୍ ତର୍‌ଫୁ ସୂଚନା ଆଉ ପ୍ରଯୁକ୍ତି ବିଦ୍ୟା ବେଭାର୍ କରିକରି ଉଠା ଜଲ୍‌ସେଚନ୍ ପ୍ରକଳ୍ପ ମାନ୍‌କର୍ ଥିତି ଅନୁଧ୍ୟାନ୍ କର୍‌ବାର୍ ଲାଗି ସେନ୍‌ସର୍ ଭିତିକ ଆଇ.ଓ.ଟି. ଉପକରଣ୍ ଥାପ୍‌ନା କର୍‌ବାର୍‌କେ ପଦକ୍ଷେପ୍ ନିଆଯାଉଛେ । ପହେଲା ଖେପେ ୩୭ ହଜାର୍ ଉଠା ଜଲ୍‌ସେଚନ୍ ପ୍ରକଳ୍ପକେ ସାମିଲ୍ କର୍‌ବାର୍ ଲାଗି ବୈଠକ୍‌ଥି ନିଷ୍ପତି ନିଆଯାଇଛେ ।

ପଂଚାୟତ୍-ଉପ ନିର୍ବାଚନ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ପଂଚାୟତ୍ସ୍ତର୍ ନ ଖାଲି ପଡ଼ିଥିବା ୧ ହଜାର୍ ଶହେ ୩୪ ଟା ପଦ୍ବୀ ପୂରଣ୍ ଲାଗି ଉପ ନିର୍ବାଚନ୍ କର୍ବାର୍କେ ରାଜ୍ୟ ନିର୍ବାଚନ୍ କମିଶନର୍ଙ୍କର୍ ତରଫ଼ୁ ପ୍ରାଥମିକ ପଦକ୍ଷେପ୍ ମୁଲ୍ ହେଇଛେ । ଗଲା ତ୍ରିସ୍ତରୀୟ ପଂଚାୟତ୍ ନିର୍ବାଚନ୍ଥି ସଂରକ୍ଷିତ୍ ବର୍ଗର୍ ଲାଗି ଥିବା ୭ ଶହ ୭୧ ଟା ୱାର୍ଡ଼ଥି ନାମାଙ୍କନ୍ ପତ୍ର ଦାଖଲ୍ ନାଇଁ ହେଇଥିବାର୍ନୁ ସେ ୱାର୍ଡ଼ ମାନ୍କେ ନିର୍ବାଚନ୍ ନାଇଁ ହେଇଥିଲା । ତାର୍ ପରେ ଇ ୱାର୍ଡ଼ ମାନ୍କୁ ଅଣ ସଂରକ୍ଷିତ୍ କର୍ବାର୍ ଉତ୍ରୁ ନିର୍ବାଚନ୍ ଲାଗି ପ୍ରକ୍ରିୟା ମୁଲ୍ ହେଇଛେ ।

ପୋଷଣ୍ ପକ୍ଷ        ଆର୍ଏନ୍ୟୁ/ ସମ୍ବଲପୁର

କେନ୍ଦ୍ର ସରକାର୍ଙ୍କର୍ ପୋଷଣ୍ ଅଭିଯାନ୍ ଅଧୀନ୍ଥି ଆଏବା ୨୫ ତାରିଖ୍ତକ୍ ରାଏଜେ ପୋଷଣ୍ ପକ୍ଷ ପାଲନ୍ ହେବା । ଗଲା ୮ ତାରିଖ୍ନୁ ଇ କାର୍ଯ୍ୟକ୍ରମ୍ ମୁଲ୍ ହେଇଛେ । ପୋଷଣ୍କେ ଜୋର୍ ଦେବାର୍ ସହେତେ ସ୍ୱାସ୍ଥ୍ୟ ଆଉ ସୁସ୍ଥତାକେ ପ୍ରୋତ୍ସାହିତ୍ କର୍ବାର୍ ଲାଗି ଇ କାର୍ଯ୍ୟକ୍ରମ୍ ର ଆୟୋଜନ୍ କରାଯାଉଛେ ।

ସର୍ବଭାରତୀୟ ପୁଲିସ୍ ହକି ଚମ୍ପିଅନ୍‌ସିପ  ଆର୍‌ଏନ୍‌ୟୁ/ ସମ୍ବଲପୁର

କଲିଙ୍ଗ ଷ୍ଟାଡ଼ିୟମ୍ ଠାନେ ଚାଲିଥିବା ୭୩ ନମ୍ବର୍ ସର୍ବଭାରତୀୟ ପୁଲିସ୍ ହକି ଚମ୍ପିଅନ୍‌ସିପ୍‌ର ୫ ନମ୍ବର୍ ଦିନେ ଗଲାକାଏଲ୍ ୭ ଟା ମେଚ୍ ଖେଲାଯାଇଛେ । ମେଚ୍ ମାନ୍‌କେ କର୍ଣ୍ଣାଟକ୍, ମଣିପୁର୍, ଝାର୍‌ଖଣ୍ଡ୍, ରାଜସ୍ଥାନ୍, ସିଆର୍‌ପିଏଫ୍, ଓଡ଼ିଶା ଆର୍ ସିଆଇଏସ୍‌ଏଫ୍ ଦଲ୍ ଜିତିଛନ୍ ।

ପାଣିପାଗ        ଆର୍‌ଏନ୍‌ୟୁ/ ସମ୍ବଲପୁର

ବଙ୍ଗୋପସାଗର୍ ନ ହେଇଥିବା ଲଘୁଚାପ୍‌ର ବଲେ ରାଜ୍ୟର୍ ଭିନ୍ ଭିନ୍ ଇଲାକା ନ ଆଏଜ୍ ଘଡ଼୍‌ଘଡ଼ି ସାଙ୍ଗେ ବର୍ଷା ହେଇପାରେ । ସୁନ୍ଦର୍‌ଗଡ଼୍ ସହେତେ ରାଜ୍ୟର୍ ୨୦ ଟା ଜିଲ୍ଲା ନ ଘଡ଼୍‌ଘଡ଼ି ସହେତେ ବର୍ଷା ହେବା  ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ କରାଯାଇଛେ ।